# ସାବିତ୍ରୀ ବ୍ରତ କଥା

ଏକ ଦିନରେ ପଣ୍ଡୁସୁତ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ବିନୟ ବଚନରେ ପଚାରିଲେ, ହେ ଦେବ ଦେବ ! ମୋ ପ୍ରତି ଅନୁଗ୍ରହ କରି ମୁଁ ଯାହା ପଚାରୁଛି ତାହା କୁହନ୍ତୁ । କେଉଁ ବ୍ରତ କଲେ ନାରୀମାନେ ଭାଗ୍ୟବତୀ ହୋଇ ବିଧବା ନୁହନ୍ତି ଓ ଜନେ ସୁଖୀ ହୁଅନ୍ତି । ଦୟାକରି ଆମ୍ଭ ଆଗରେ ତାହା ପ୍ରକାଶ କରନ୍ତୁ । ଯୁଧିଷ୍ଠିରଙ୍କ ବାକ୍ୟ ଶୁଣି ଶ୍ରୀକୃଷ୍ଣ କହୁ ଅଛନ୍ତି ହେ ରାଜନ ! ତୁମ୍ଭେ ଯାହା ପଚାରିଲ ତାହା ମୁଁ ଏବେ କହୁଅଛି । ସ୍ତ୍ରୀମାନେ ନାନାଦି ବ୍ରତ ପାଳନ୍ତି । ତହିଁ ମଧ୍ୟରୁ ପ୍ରଧାନ ବ୍ରତ ସାବିତ୍ରୀବ୍ରତ ନାମରେ କଥିତ । ସେ ବ୍ରତ କଲେ ପତି, ପୁତ୍ର, ଧନ ଓ ମାନ ଲାଭ କରନ୍ତି । ଅତି ଆନନ୍ଦରେ ଦିନ କାଟନ୍ତି । ଏହାଶୁଣି ଧର୍ମରାଜ ଯୁଧିଷ୍ଠିର ପଚାରିଲେ ହେ ଗୋପିନାଥ, ସେ ବ୍ରତ କେଉଁମାନେ କରି କି ଫଳ ପାଇଛନ୍ତି । ଏହା ମୋ ଆଗରେ କୁହନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ ଅତି ମଧୁର ବଚନ କହୁଅଛନ୍ତି । ହେ ଧର୍ମସୂତ, ଅଶ୍ୱପତି ଏକ ରାଜା ଥିଲେ । ସେ ଅବନୀ ମଣ୍ଡଳରେ ବଡ଼ ଦୟାଶୀଳ ଧର୍ମପରାୟଣ ପ୍ରଜାପାଳକ ଓ ନାନାଗୁଣରେ ବିଖ୍ୟାତ ହୋଇଥିଲେ । କୁବେର ଭଣ୍ଡାରପରି ତାହାଙ୍କ ଭଣ୍ଡାର ପରିପୂର୍ଣ୍ଣ ଥାଏ । କେବଳ ତାଙ୍କର ପୁତ୍ର ନଥିବାରୁ ସେ ରାଜାଙ୍କର ମନ ବିରସ ହୋଇଥାଏ । ଏହିପରି କେତେଦିନ ଗଲା ଉତାରୁ ଏକ ଋଷିବର ସେହି ରାଜାଙ୍କ ନିକଟକୁ ଗମନ କଲେ । ସେ ରାଜା ଋଷିଙ୍କି ଦେଖି ସାଷ୍ଟାଙ୍ଗ ଭୂମିଷ୍ଠ ପ୍ରଣିପାତ ହୋଇ ପୁଣି ପାଦଧୌତ କଲେ । ସେ ରାଜାଙ୍କର ଭକ୍ତିଭାବ ଦେଖି ଋଷି ମହା ସନ୍ତୁଷ୍ଟ ହେଲେ । ଧ୍ୟାନ ବଳରେ ରାଜାଙ୍କର ମନର ଦୁଃଖ ଜାଣି କହିଲେ ହେ ରାଜନ ! ତୁମ୍ଭେ ଏଡ଼େ ବିରସ ମନରେ କାହିଁକି ଅଛ ? ଏହା ଶୁଣି ରାଜା କହିଲେ ହେ ମୁନିବର, ଧନଧାନ୍ୟ ପ୍ରଜା ସୁଖରେ ରହି ମଧ ଏକ ପୁତ୍ର ନଥିବାରୁ ମନରେ ଶାନ୍ତି ନାହିଁ । ଋଷି କହିଲେ ହେ ରାଜନ ଆମ୍ଭେ ଗୋଟିଏ ମନ୍ତ୍ର କହିବୁ, ସେହି ମନ୍ତ୍ର ଭକ୍ତିରେ ଜପ କଲେ ତାହା ବଳରେ ଗୋଟିଏ କନ୍ୟା ହେବ । ସେ କନ୍ୟା ତୁମ୍ଭର ତିନିକୁଳ ଉଦ୍ଧାର କରିବ ଏବଂ ମହୀତଳରେ ଯଶ ରହିବ, ତୁମ୍ଭେ ଏହି କଥା କର । ମୁନିବର ରାଜାଙ୍କୁ ମନ୍ତ୍ରଟି କହି ଚାଲିଗଲେ । ସେହିଦିନ ଠାରୁ ଅଶ୍ୱପତି ରାଜା ନିୟମରେ ମନ୍ତ୍ର ଜପନ୍ତି । କେତେଦିନ ଉତାରୁ ସେହି ମନ୍ତ୍ର ପ୍ରଭାବରୁ ଏକ ଦୁହିତା ଶୁଭଲଗ୍ନରେ ଜନ୍ମ ହେଲା । ସେହି ଦୁହିତା (ସାବିତ୍ରୀ) ମନ୍ତ୍ର ପ୍ରଭାବରୁ ଜନ୍ମିବାରୁ ସାବିତ୍ରୀ ବୋଲି ନାମ ଦେଲେ । "ଚନ୍ଦ୍ରପକ୍ଷର ଚନ୍ଦ୍ର' ବୃଦ୍ଧିପରି ମାତାପିତାଙ୍କ ଆଦରରେ ସାବିତ୍ରୀ ବଢ଼ନ୍ତି । କ୍ରମେ ସାବିତ୍ରୀଙ୍କୁ ଅଠର ବର୍ଷ ହେଲା । ସାବିତ୍ରୀ ସଙ୍ଗେ ପରିବାରୀ ଧରି ଋଷିଙ୍କ ଆଶ୍ରମକୁ ଯାଆନ୍ତି । ଋଷିମାନଙ୍କର ସେବା କରନ୍ତି । ଋଷିମାନେ ସାବିତ୍ରୀଙ୍କ ସେବା ଦେଖି କଲ୍ୟାଣ କରନ୍ତି । ସାବିତ୍ରୀ ସ୍ୱପ୍ନରେ ହେଲେ ପୁରୁଷଙ୍କ ମୁଖ ଦେଖିନାହିଁ, ଦିନକରେ ସଖିମାନଙ୍କୁ ଧରି ବନବିହାର କରୁଥିଲେ । ଏମନ୍ତ ବେଳେ ଋଷିମାନଙ୍କ ସହିତ ଏକ ସୁନ୍ଦର ପୁରୁଷକୁ ଦେଖିଲେ । ସେ ପୁରୁଷକୁ ଦେଖି ମୋହିତ ହୋଇ ଚକ୍ଷୁ ପିଛାଡ଼ି ପାରିଲେ ନାହିଁ । ସାବିତ୍ରୀ ଋଷିଙ୍କୁ ପୁଚ୍ଛା କଲେ ହେ ମୁନିବର ! ଏ ଯୁବକ କାହାର ସୁତ ମୋତେ କୁହନ୍ତୁ । ଏହାଶୁଣି ମୁନି କହିଲେ, ଅବନ୍ତୀନଗରର ଦ୍ୟୁମତ୍‌ସେନ ବୋଲି ଏକ ରାଜା ଥିଲେ । ତାହାଙ୍କର ସୁତ ସକୁଟୁମ୍ବ ଧରି ଏହି ବନରେ ବାସ କରୁଅଛନ୍ତି । ତାହାଙ୍କର ନାମ ସତ୍ୟବାନ ବା ଦ୍ୱିତୀୟ ନାମ ଚିତ୍ରସେନ । ଏହି ସତ୍ୟବାନ ଦ୍ୟୁମତ୍‌ସେନଙ୍କର ଏକମାତ୍ର ପୁତ୍ର । ମୁନି ମୁଖୁ ଏହା ଶୁଣି ସାବିତ୍ରୀ ମନେ ମନେ ଭାବିଲେ, ଏହି ସତ୍ୟବାନକୁ ମୁଁ ପତିରୂପେ ବରିବି । ଏହା ଭାବି ଗୃହକୁ ସମସ୍ତେ ଚାଲିଗଲେ । ସାବିତ୍ରୀ ମାତାଙ୍କୁ ସକଳ ବିଷୟ କହିଲେ । ରାଣୀ ସେହି କଥା ଯାକ ରାଜାଙ୍କୁ କହିଲେ । ରାଜା କହିଲେ ସେ କାହାର ପୁତ୍ର, କିପରି ତାଙ୍କୁ ଦୁହିତା ଦାନ ଦେବା । ଏହିପରି କଥାବାରତା ସମୟରେ ନାରଦ ମହାମୁନି ପ୍ରବେଶ ହେଲେ । ରାଜା ନାରଦ ମହାମୁନିଙ୍କୁ ଦେଖି ଯଥାମାନ୍ୟରେ ପାଦଧୌତ କରି ଦିବ୍ୟ ଆସନରେ ବସାଇଲେ । ଏମନ୍ତ ସମୟରେ ସେହି ସ୍ଥାନରେ ଦୁହିତା ସାବିତ୍ରୀ ଯାଇ ପ୍ରବେଶ ହେଲେ । ନାରଦ ପଚାରିଲେ, ହେ ରାଜନ; ଏ କାହାର କୁମାରୀ ? ରାଜା କହିଲେ ହେ ମହା ମୁନିବର, ବହୁ ତପେ ଏ କୁମାରୀକୁ ପାଇଛି । ଏ ମୋହର ଅନୁଢ଼ା

କନ୍ୟା, ବନସ୍ତରେ ଏ କାହାକୁ ବରିଅଛି ବୋଲି କହୁଛି ? ନୃପତିଙ୍କ ବାକ୍ୟେ ନାରଦମୁନି ସାବିତ୍ରୀଙ୍କୁ ପଚାରିଲେ ଗୋ ସାବିତ୍ରୀ ତୁ କାହାକୁ ବରିଅଛୁ ଆମ୍ଭ ଆଗରେ କହ ? ଏହାଶୁଣି ସାବିତ୍ରୀ କହିଲେ, ଅବନ୍ତୀ ନଗରରେ ଏକ ରାଜା ଥିଲେ, ତାହାଙ୍କ ନାମ ଦ୍ୟୁମତସେନ । ତାହାଙ୍କର ପୁତ୍ର ସତ୍ୟବାନ ବା ଚିତ୍ରସେନ, ତାହାଙ୍କ ରୂପଗୁଣ ଦେଖି ମୋହର ଶ୍ରଦ୍ଧା ବଳିଲା, ଏହାଶୁଣି ନାରଦ କହିଲେ ହେ ଅଶ୍ୱପତି ଦ୍ୟୁମତ୍‌ସେନ ଚକ୍ଷୁହୀନ ହେବାରୁ ଶତ୍ରୁମାନେ ରାଜ୍ୟ ନେଲେ, ତଦୁତାରୁ ସେହି ରାଜା ସ୍ୱକୁଟୁମ୍ବ ଅରଣ୍ୟରେ ବାସ କରୁଛନ୍ତି । ସେହି ରାଜା ସକଳ ଗୁଣରେ ଗୁଣି ଅଟନ୍ତି, ମାତ୍ର ଆମ୍ଭେ ବୋଲୁଅଛୁ ଏ ବିବାହ ଅନୁଚିତ । ସେହି ସତ୍ୟବାନର ଏକବର୍ଷ ମାତ୍ର ଆୟୁଷ ଅଛି, ସେଥିଯୋଗୁଁ ଆମ୍ଭେ ନାସ୍ତି କରୁଛୁ । ତେଣୁକରି ଅନ୍ୟସ୍ଥାନେ ବିବାହ ଦେବା ଉଚିତ । ସାବିତ୍ରୀ କହିଲେ, ହେ ପିତା ! ତାଙ୍କ ଛଡ଼ା ଅନ୍ୟ ପୁରୁଷକୁ ବରିବି ନାହିଁ । ସତ୍ୟବାନଙ୍କୁ ମୋତେ ପ୍ରଦାନ କରନ୍ତୁ, ସାବିତ୍ରୀଙ୍କ ଠାରୁ ନାରଦ ଏପରି ବଚନ ଶୁଣି ମହା ସନ୍ତୋଷରେ କହିଲେ ଧନ୍ୟ ତୋ ସତୀପଣ, ତୋର ମନୋବାଂଛା ସିଦ୍ଧ ହେଉ । ତୁ ନିଶ୍ଚୟ ଭାଗ୍ୟବତୀ ହେବୁ । ଏହା କହି ମୁନିବର ନିଜ ସ୍ଥାନକୁ ଚାଲିଗଲେ । ତହୁଁ ଅଶ୍ୱପତି ରାଜା ବିଭାଘର ଉତ୍ସବ ମଣ୍ଡାଇବାକୁ ଆଦେଶ ଦେଲେ । ଶୁଭଲଗ୍ନ ଦେଖି ସତ୍ୟବାନଙ୍କୁ କନ୍ୟା ପ୍ରଦାନ କଲେ । ସତ୍ୟବାନ ସାବିତ୍ରୀଙ୍କୁ ଘେନି ନିଜ ସମୀପକୁ ଚାଲିଗଲେ । ସତ୍ୟବାନ ପିତାମାତାଙ୍କୁ ନମସ୍କାର କଲେ । ସାବିତ୍ରୀ ଶାଶୁ ଶ୍ୱଶୁରଙ୍କୁ ନମସ୍କାର କଲେ । ରାଜା ଓ ରାଣୀ ପୁତ୍ରବଧୁଙ୍କୁ ଆଶୀର୍ବାଦ କଲେ । ପ୍ରତିଦିନ ସାବିତ୍ରୀ ଶାଶୁ ଶ୍ୱଶୁରଙ୍କୁ ଯଥା ଭକ୍ତିରେ ସେବା କରୁଥାନ୍ତି । ଦେବତା ବ୍ରାହ୍ମଣଙ୍କୁ ଭକ୍ତିକରି ପୂଜା କରୁଥାନ୍ତି । ଏପରି କେତେଦିନ ଗଲା ନାରଦଙ୍କ କଥା ସାବିତ୍ରୀ ଦେବୀ ସର୍ବଦା ମନରେ ଭାବନା କରୁଥାନ୍ତି । ରାଜା ରାଣୀ କିମ୍ବା ସତ୍ୟବାନ କେହି ଜାଣନ୍ତି ନାହିଁ । ସାବିତ୍ରୀଙ୍କ ସ୍ୱଭାବ ଦେଖି ଶାଶୁଶ୍ୱଶୁର ଅତ୍ୟନ୍ତ ଆନନ୍ଦ ଲଭୁଥାନ୍ତି । ଜ୍ୟେଷ୍ଠ ମାସ କୃଷ୍ଣପକ୍ଷ ଅମାବାସ୍ୟା ଦିନରେ ସତ୍ୟବାନଙ୍କ ଆୟୁ ଶେଷ ନିକଟ ହେଲା । ରାତି ପାହିଲେ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟ ହେବ । ଏକଥା ସାବିତ୍ରୀ ଜାଣି ଲକ୍ଷ୍ମୀନାରାୟଣ ପୂଜା ନିମନ୍ତେ ଉପବାସ ହେବ । ଏକଥା ସାବିତ୍ରୀ ଜାଣି ଲକ୍ଷ୍ମୀନାରାୟଣ ପୂଜା ନିମନ୍ତେ ଉପବାସ କଲେ ଓ ଲକ୍ଷ୍ମୀନାରାୟଣ ସ୍ତୋତ୍ରମାନ ପାଠ କଲେ । ଆମ୍ବ, କଦଳୀ, ନଡ଼ିଆ, ତାଳ, ଖଜୁରୀକୋଳି ନାନା ଦ୍ରବ୍ୟମାନ ପୂଜା କଲେ । ବ୍ରାହ୍ମଣ ଭୋଜନ କରାଇଲେ । ସାବିତ୍ରୀ ଶାଶୁ, ଶ୍ୱଶୁର ଓ ଗିରସ୍ତକୁ ଡ଼ାକି ଭୋଜନ ସାମଗ୍ରୀ ବାଢ଼ିଲେ । ଭୋଜନାନ୍ତେ ଶାଶୁ ଶ୍ୱଶୁର କହିଲେ, ବଧୂମାତା ତୁମ୍ଭେ ବର୍ତ୍ତମାନ ଭୁଞ୍ଜି ବସ । ସାବିତ୍ରୀ କହିଲେ, ମୁଁ ବ୍ରତ ପାଳିଛି, ଆଜଦିନ ଶେଷରେ ଭୁଞ୍ଜିବି । ଏପରି କହି ତାଙ୍କୁ ପ୍ରବୋଧ କଲେ । କ୍ରମେ କ୍ରମେ ତିନି ପ୍ରହର ହେଲା । ସତ୍ୟବାନ କହିଲେ ପିତା, କାଠ ,ଫୁଲ ,ଫଳ ନାହିଁ, ମୁଁ ଯାଉଛି ଖୋଜି କରି ଆଣିବି । ଏପରି ପିତାମାତାଙ୍କୁ କହିବାରୁ ସାବିତ୍ରୀ ବିଚାର କଲେ, ମରଣ ସ୍ଥାନକୁ ବିଧାତା ପଥ କଢ଼ାଉଛି । ଏହି ସମୟରେ ଶାଶୁ ଶ୍ୱଶୁରଙ୍କୁ ନମସ୍କାର କରି କହିଲେ, ମୁଁ ମଧ ସ୍ୱାମୀଙ୍କ ସହିତ ଯିବି । ବନରୁ ଆସିଲେ ଭୁଞ୍ଜିବି, ମନା କରନ୍ତୁ ନାହିଁ । ସାବିତ୍ରୀଙ୍କ ଏପରି ଦୃଢ଼ବଚନ ଶୁଣି ରାଜା ରାଣୀ ସତ୍ୟବାନଙ୍କୁ ଡ଼ାକି କହିଲେ, ଆରେ ବାବୁ ବଧୂ ତୋ ସାଙ୍ଗରେ ଯାଉଛି, ସାବଧାନରେ ଯିବୁ, ଅନ୍ଧାର ନ ହେଉଣୁ ବାହାରି ଆସିବୁ । ସତ୍ୟବାନ ପିତାମାତାଙ୍କ ଠାରୁ ଏପରି ଶୁଣି ସାବିତ୍ରୀ ସହିତ ବନକୁ ଗଲେ । ବନରୁ ନାନା ଫଳ ଖୋଜି ସାବିତ୍ରୀଙ୍କ ନିକଟରେ ଦେଇ କହିଲେ, ପ୍ରିୟେ ଏଠାରେ ବସ ମୁଁ କାଠ ହାଣିବି । ଏହା କହି ସତ୍ୟବାନ ବୃକ୍ଷ ନିକଟକୁ ଗଲେ । ତାଙ୍କୁ ସେହି ସ୍ଥାନ ଅନ୍ଧାର ଦିଶିଲା । ସେହି ସ୍ଥାନରେ ବସିପଡ଼ି କହିଲେ ମୋର ମୁଣ୍ଡ  କାହିଁକି ବ୍ୟଥା କରୁଛି, ମୋତେ ଅନ୍ଧାର ଦିଶୁଛି ମୋର ପ୍ରାଣ ବାହାରି ଗଲାପରି ଲାଗୁଛି, ଉଠିବାକୁ ଶକ୍ତି ହେଉନାହିଁ, ମୋତେ ବଡ଼ କଷ୍ଟ ଲାଗୁଛି । ଏହା ଶୁଣି ସାବିତ୍ରୀ ବିଚାର କଲେ ମରଣ ନିକଟ ହେଲା । ଏହା ଭାବି କହିଲେ ଏହି କାନି ପଣତ ବିଛାଇ ଦେଉଛି ଏଥିରେ ଶୟନ କରନ୍ତୁ, ଏହିକ୍ଷଣି ଦେହ ସୁସ୍ଥ ହେବ । ସାବିତ୍ରୀଙ୍କ ଜାନୁରେ ମୁଣ୍ଡଦେଇ ସେହି କାନିପଣତରେ ଶୋଇଲେ । ସନ୍ଧ୍ୟା ପ୍ରବେଶ ହେଲା, ହେ କାନ୍ତ ସନ୍ଧ୍ୟା ହେଲାଣି ଉଠନ୍ତୁ । ସାବିତ୍ରୀ ଉଠାଇଲେ, ସତ୍ୟବାନ ଉଠିଲେ ନାହିଁ । ତହୁଁ ସାବିତ୍ରୀ ଆଉ ସ୍ଥିର ରହିନପାରି ଉଚ୍ଚ

ସ୍ୱରରେ ରୋଦନ କରିବାକୁ ଲାଗିଲେ । ଏପରି ସମୟରେ ଯମଦୂତମାନେ ପ୍ରବେଶ ହେଲେ । ପତିବ୍ରତା ସତୀ ଶିରୋମଣୀ ସାବିତ୍ରୀଙ୍କ ତେଜରେ ଯମଦୂତମାନେ କେହି ପଶିପାରିଲେ ନାହିଁ । ଫେରିଯାଇ ଯମଙ୍କୁ କହିଲେ ହେ ଜନ୍ତୁରାଜ ! ସତ୍ୟବାନଙ୍କ ମୃତ୍ୟୁ ହେବାରୁ ଆଣିବାକୁ ଗଲୁ, ମାତ୍ର ସତ୍ୟବାନଙ୍କ ପତ୍ନୀ ସାବିତ୍ରୀଙ୍କୁ ଦେଖି ତାଙ୍କ ପାଖରେ ପଶି ପାରିଲୁ ନାହିଁ, ଫେରି ଆସିଲୁ । ଦୂତମାନଙ୍କ ଠାରୁ ଏପରି ଶୁଣି ଜନ୍ତୁରାଜ ନିଜେ ସାବିତ୍ରୀଙ୍କ ନିକଟକୁ ଗମନ କଲେ । ସାବିତ୍ରୀ ଜାନୁ ଉପରେ କାନ୍ତକୁ ଧରି ଅତି ଆତୁରରେ ରୋଦନ କରୁଛନ୍ତି । ସାବିତ୍ରୀଙ୍କ ବିକଳ ଦେଖି ଜନ୍ତୁରାଜ କହିଲେ, ହେ ମାତ, କାହିଁକି ରୋଦନ କରୁଛ ? ରୋଦନ କରନାହିଁ । ଜନ୍ମ ହେଲେ ମରଣ ଘଟେ, ଯେ ଯେତିକି ଦିନକୁ ଆସିଥାଏ, ସେ ସେତିକି ଦିନ ପୂର୍ଣ୍ଣ ହେଲେ ଫେରି ଚାଲିଯାଏ । ଏଥିକି କାହିଁକି ରୋଦନ କରୁଅଛ ଆଉ କାନ୍ଦନାହିଁ । ଯମରାଜାଙ୍କ ଏପରି ବଚନ ଶୁଣି ସାବିତ୍ରୀ ପଚାରୁଛନ୍ତି, ତୁମ୍ଭେ କିଏ ସେ ? କେଉଁଠାରୁ ଆସିଲ ତାହା ମୋତେ କୁହନ୍ତୁ, ମୋର ସନ୍ଦେହ ଫିଟିବ । ଯମ ସାବିତ୍ରୀଙ୍କ ବଚନ ଶୁଣି କହୁଛନ୍ତି, ମୁଁ ଜନ୍ତୁପତି ଯମରାଜ । ସତ୍ୟବାନଙ୍କୁ ନେବା ପାଇଁ ମୁଁ ଆସିଅଛି । ଯମଙ୍କ ଠାରୁ ଏପରି ଶୁଣି ସାବିତ୍ରୀ ସତ୍ୟବାନଙ୍କୁ ଛାଡ଼ି ଦେଇ ଉଭା ହେଲେ । ସତ୍ୟବାନଙ୍କ ଦେହର ଜୀବନକୁ ଯମରାଜ ବାନ୍ଧଦେଇ ବାହାରିଲେ । ସାବିତ୍ରୀ ତାଙ୍କ ପଛେ ପଛେ ଚାଲିବାକୁ ଲାଗିଲେ । ଜନ୍ତୁରାଜ ଲେଉଟି ସାବିତ୍ରୀଙ୍କୁ ପଛରେ ଦେଖି କହିଲେ ହେ ରାଜଜେମା ତୁ କାହିଁକି କାନ୍ଦି କାନ୍ଦି ଆସୁଛୁ ? ତୁ ଘରକୁ ବାହାରି ଯା । ଏହାଶୁଣି ସାବିତ୍ରୀ କହିଲେ ହେ ଜନ୍ତୁରାଜ ! ମୋର କାନ୍ତ ତୁମ୍ଭ ଭବନକୁ ଯାଉଛନ୍ତି, ତେଣୁ ମୁଁ ମଧ ତୁମ୍ଭ ସଙ୍ଗରେ ଯିବି, ଅନ୍ୟଥା ସଂସାରରେ କିଛି କାର୍ଯ୍ୟନାହିଁ । ଚାଲ ତୁମ୍ଭ ଭବନକୁ ଯିବା । ତୁମ୍ଭପରି ସତ୍‌ସଙ୍ଗ ମୋତେ ମିଳିବ ନାହିଁ । ତୁମ୍ଭେ ଅନୁଗ୍ରହ କରି ମୋତେ ତୁମ୍ଭ ସଙ୍ଗରେ ନିଅ । ମୋ ପ୍ରତି ବିରାଗ ହୁଅନ୍ତୁ ନାହିଁ । ଏପରି ସାବିତ୍ରୀଙ୍କ ବିନୟ ବଚନ ଶୁଣି ଯମରାଜ ହସି ହସି କହିଲେ, ହେ ପତିବ୍ରତା ଶିରୋମଣି ମୁଁ ତୁମ୍ଭପ୍ରତି ଅତ୍ୟନ୍ତ ସନ୍ତୁଷ୍ଟ । ତୁମ୍ଭେ ସତ୍ୟବାନର ପ୍ରାଣ ଛଡ଼ା ଅନ୍ୟ ଯାହା ମାଗିବ ତାହା ଦେବି । ଏପରି ବଚନ ଶୁଣି ସାବିତ୍ରୀ କହିଲେ ମୋର ଶ୍ୱଶୁର ଅନ୍ଧ ଓ ରାଜ୍ୟହୀନ । ତାଙ୍କୁ ଚକ୍ଷୁ ପ୍ରଦାନ କରନ୍ତୁ ଓ ରାଜ୍ୟ ପ୍ରଦାନ କରନ୍ତୁ । ଏହାଶୁଣି ଯମରାଜ ତଥାସ୍ତୁ କହି ଚାଲିଗଲେ । ସାବିତ୍ରୀ ତାଙ୍କ ପଛରେ ଗୋଡ଼ାଇ ଅଛନ୍ତି, ଯମରାଜ ଫେରି ଚାହିଁ କହିଲେ ତୁମ୍ଭେ ଗୃହକୁ ଫେରିଯାଅ । ଏହାଶୁଣି ସାବିତ୍ରୀ କହିଲେ ତୁମ୍ଭେ ନାରାୟଣଙ୍କ ଅଂଶ ତୁମ୍ଭ ସେବା କରିବି । ମୋତେ ସାଙ୍ଗରେ ନିଅନ୍ତୁ । ଏହାଶୁଣି ଜନ୍ତୁପତି କହିଲେ ହେ ସୂତା, ଆଉ କି ବର ମାଗୁଛ ମାଗ ? ଏହାଶୁଣି ସାବିତ୍ରୀ କହିଲେ ମୋର ପିତାଙ୍କର ପୁତ୍ର ନାହିଁ ପୁତ୍ରଦାନ କର, ଜନ୍ତୁରାଜ ତଥାସ୍ତୁ କହି ଚାଲିଗଲେ । ସାବିତ୍ରୀ ତଥାପି ପଛରେ ଚାଲିଲେ । ଏହା ଦେଖି ଜନ୍ତୁରାଜ କହିଲେ ହେ କନ୍ୟା, ସତ୍ୟବାନର ପ୍ରାଣଛଡ଼ା ଅନ୍ୟ ଏକ ବରମାଗ, ସାବିତ୍ରୀ କହିଲେ ସତ୍ୟବାନଙ୍କ ଔରସରୁ ମୋର ଶହେପୁତ୍ର ହେଉ, ମୋତେ ଆଜ୍ଞାକର । ଯମରାଜ ସାବିତ୍ରୀଙ୍କ ଭକ୍ତିଭାବ ଦେଖି ଭୋଳ ମାନସରେ ତଥାସ୍ତୁ କହି ସାବିତ୍ରୀଙ୍କୁ ଫେରିଯିବାକୁ କହିଲେ । ତହୁଁ ସାବିତ୍ରୀ କହିଲେ ହେ ଦେବ ! ମହତଙ୍କ କଥା ତ ଆନ ନୁହଁଇ, ଆପଣ ଯେଉଁ ବର ଦେଲେ ତାହା କିପରି ଫଳିବ ? ସତ୍ୟବାନଙ୍କୁ ତୁମ୍ଭେ ଘେନି ଯାଉଅଛ, ମୋର ଶତେ ପୁତ୍ର କିପରି ହେବ ? ଏହା ଶୁଣି ଜନ୍ତୁପତି ସ୍ଥିର ହୋଇଗଲେ ଓ ପରେ କହିଲେ ହେ ସାବିତ୍ରୀ ଧନ୍ୟଧନ୍ୟ ତୁମ୍ଭ ସତୀପଣ, ତୁମ୍ଭେ ତିନିକୁଳ ଉଦ୍ଧାର କରିଲ, ମୋତେ ମଧ ବିନୟ ଗୁଣରେ ପରାଜିତ କଲ । ଏକଥା ତୋହର ଚିରଖ୍ୟାତ ହେବ । ଯୁଗଯୁଗାନ୍ତରେ ତୋର ନାମ ବିଖ୍ୟାତ ହେବ । ଜ୍ୟେଷ୍ଠ କୃଷ୍ଣପକ୍ଷ ଅମାବାସ୍ୟା ଦିନ ତୋର ନାମ ସ୍ମରଣ କରି ଯେଉଁନାରୀ ସୁଚି ମନରେ ସାବିତ୍ରୀ ବ୍ରତ କରିବ, ସେହି ନାରୀ ଜନ୍ମେ ଜନ୍ମେ ସଧବା ଓ ପତି ପରାୟଣା ହୋଇ ପୁତ୍ରବତୀ ଓ ଧନବତୀ ହେବ । ଅନ୍ତିମ କାଳରେ ବୈକୁଣ୍ଠ ପ୍ରାପ୍ତ ହେବ । ଏହାକହି ଯମ ସତ୍ୟବାନଙ୍କୁ ଛାଡ଼ିଦେଲେ । ସାବିତ୍ରୀ ସତ୍ୟବାନଙ୍କ ପ୍ରାଣଧରି ଯେଉଁ ସ୍ଥାନରେ ସତ୍ୟବାନ ପଡ଼ିଅଛନ୍ତି ସେହି ସ୍ଥାନରେ ପ୍ରବେଶ ହେଲେ । ସାବିତ୍ରୀଙ୍କ ହସ୍ତରୁ ଜୀବଯାଇ ସତ୍ୟବାନଙ୍କ ପିଣ୍ଡରେ ପ୍ରବେଶ ହେଲେ । ସତ୍ୟବାନ ନିଦ୍ରାଗତ ପରି ଉଠି କହିଲେ, ଆଗୋ ପ୍ରିୟେ କେତେ ରାତ୍ର ହୋଇଗଲା

ମୋତେ ଉଠାଇଲ ନାହିଁ । ପିତାମାତା ବଡ଼ ଦୁଃଖରେ ଥିବେ । ଏହାଶୁଣି ସାବିତ୍ରୀ କହିଲେ ଶୋଇଥିବା ଲୋକଙ୍କର ନିଦ୍ରା ଭାଙ୍ଗନ୍ତି ନାହିଁ । ଆଜ ରାତ୍ର ଏହି ବୃକ୍ଷମୂଳରେ ରହିବା । ସକାଳ ହେଲେ ଗୃହକୁ ଯିବା । ସତ୍ୟବାନ ସାବିତ୍ରୀଙ୍କ ଠାରୁ ଏପରି ବଚନ ଶୁଣି ରାତ୍ରକ ସେଠାରେ ରହିଗଲେ । ସତ୍ୟବାନ କହୁଛନ୍ତି ଆଗୋ ପ୍ରିୟେ, ଆଜି ରାତ୍ରରେ ମୁଁ ଗୋଟିଏ ସ୍ୱପ୍ନ ଦେଖିଲି । ଯମରାଜା ଆସି ମୋତେ ବାନ୍ଧି ଘେନି ଯାଉଥିଲେ ତୁମେ ତାଙ୍କ ପଛରେ ଗୋଡ଼ାଇଥିଲ । ବହୁତ ବିନୟରେ ତୁମେ ମୋର ଜୀବନ ଆଣିଲ । ଏହିପରି ବହୁତ ସ୍ୱପ୍ନ ଦେଖିଲି । ସାବିତ୍ରୀ କହିଲେ ନିଶ୍ଚେ ହୋଇଥିବ । ଏମନ୍ତ ସମୟରେ ସତ୍ୟବାନଙ୍କ ପିତାମାତା ଅତି ବ୍ୟାକୁଳ ହୋଇ ଏତେ ରାତ୍ର ହେଲା ସତ୍ୟବାନ କାହିଁକି ଆସିଲା ନାହିଁ ସଙ୍ଗରେ ବଧୂକୁ ନେଇଛି । ବନରେ କି ବିପତି ପଡ଼ିଲା, ମୋର ଚକ୍ଷୁକୁତ ଦିଶୁନାହିଁ । ମୁଁ କେଉଁଆଡ଼େ ଯିବି ଏହା ଭାବି ଶୋକ କରନ୍ତି । ନିକଟସ୍ଥ ଋଷିମାନେ କହିଲେ ହେ ରାଜା କାହିଁକି ଶୋକ କରୁଛ, ତୁମର ସକଳ ମଙ୍ଗଳ ହେବ । ଆମ୍ଭଙ୍କୁ ସେହିପରି ଦୃଶ୍ୟ ହେଉଛି । ଋଷିମାନଙ୍କର ଏହିପରି ବଚନ ଶୁଣି ସେମାନେ ସ୍ଥିର ହେଲେ । ପରଦିନ ସତ୍ୟବାନ ସାବିତ୍ରୀ ଗୃହକୁ ଆସିଲେ । ମୁନିମାନେ ଓ ପିତାମାତା ଦେଖି ଅତି ଆନନ୍ଦରେ ପଚାରିଲେ କାଲିରାତ୍ର କେଉଁଠାରେ ଥିଲେ ? ତହୁଁ ସାବିତ୍ରୀଦେବୀ ସକଳ କଥା କହିଲେ । ସାଧୁମାନେ ଏପରି ଶୁଣି କହିଲେ ଧନ୍ୟ ରାଜଜେମା ତୋର ପିତାମାତା ଧନ୍ୟ, ମୃତ ପତି ଜିଆଁଇଲୁ । ପିତାର ଅପୁତ୍ରିକ କୁଳ ରକ୍ଷା କଲୁ । ଶ୍ୱଶୁରଙ୍କୁ ରାଜ୍ୟ ଓ ଚକ୍ଷୁଦାନ ଦେଲୁ । ଯେଉଁନାରୀ ଶୁଦ୍ଧ ମନରେ ଏ ବ୍ରତ କରିବେ ତାହାର ସମସ୍ତ ମଙ୍ଗଳ ହେବ । ଏପରି କେତେଦିନ ଗଲା ଉ ାରୁ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ପ୍ରବେଶ ହେଲା । ସାବିତ୍ରୀ ଲକ୍ଷ୍ମୀନାରାୟଣ ବ୍ରତ କରିବାକୁ ପ୍ରାତଃକାଳୁ ଉଠି ସ୍ନାନ କଲେ, ଘର ଲିପାପୋଛା କଲେ, ପାଟପତନୀ ପିନ୍ଧିଲେ । ମୁଗ ବତୁରାଇଲେ, ତାଳ, ନଡ଼ିଆ, ଖଜୁରୀକୋଳୀ, ପଣସ, ଆମ୍ବ, ଆଖୁ, କଦଳୀ, କାଚ, ଅଳତାପତ୍ର, କଳାମାଳି, ନୂଆଁଲୁଗା ସର୍ବ ଆୟୋଜନ କଲେ । ଲକ୍ଷ୍ମୀ ନାରାୟଣ ସ୍ଥାପିଲେ । ଘିଅଦୀପଜାଳି ନିଶଙ୍ଖୁଡ଼ି ଦ୍ରବ୍ୟମାନ ବାଢ଼ିଲେ । ଲକ୍ଷ୍ମୀନାରାୟଣଙ୍କୁ ସ୍ମରଣ କରି ନଇବେଦ୍ୟ କଲେ । ପୂଜା ଶେଷରେ ପ୍ରସାଦ ବା ିଲେ । ଶାଶୁ ଶ୍ୱଶୁର ଓ ଗିରସ୍ତକୁ ଓଳଗିଲେ । ସେହିଦିନଠାରୁ ସାବିତ୍ରୀବ୍ରତ ବିଖ୍ୟାତ ହେଲା । ସାମ୍ରାଜ୍ୟ ପାଇ ସମସ୍ତେ ସୁଖରେ ରହିଲେ । ସାବିତ୍ରୀଙ୍କ ପତି ସତ୍ୟବାନ ରାଜା ହେଲେ । ସାବିତ୍ରୀଙ୍କର ଶତେ କୁମର ହେଲେ । ଅତି ସୁଖେ ପୁତ୍ରଙ୍କ ରାଜାକରି ଅନ୍ତେ ସ୍ୱର୍ଗପୁର ଗଲେ, ଯେଉଁ ସ୍ତ୍ରୀମାନେ ଶୁଦ୍ଧମତିରେ ସାବିତ୍ରୀ ବ୍ରତ କରନ୍ତି । ସେମାନେ ଏହିପରି ଫଳଲାଭ କରନ୍ତି । ଏହି ସାବିତ୍ରୀବ୍ରତ କଥା ମନେଦେଇ ଯେଉଁନାରୀ ଶୁଣଇ ତାର ସର୍ବଶୁଭ ହୋଇ ମନୋବାଂଛା ପୂର୍ଣ୍ଣ ହୁଅଇ । ଯୁଧିଷ୍ଠିର ଦ୍ରୌପଦୀଙ୍କୁ ଶ୍ରୀକୃଷ୍ଣ ସାବିତ୍ରୀ ବ୍ରତ କଥା କହିବାରୁ ଧର୍ମସୁତ ଯୁଧିଷ୍ଠିର ଆନନ୍ଦିତ ହୋଇ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କଲେ । ଏହି ସାବିତ୍ରୀ ବ୍ରତ ସ୍ତ୍ରୀମାନଙ୍କର ଏକାନ୍ତ କର୍ତ୍ତବ୍ୟ ।

॥ ଇତି ଶ୍ରୀ ସାବିତ୍ରୀ ବ୍ରତ କଥା ସମ୍ପୂର୍ଣ୍ଣ ॥

ପ୍ରକାଶକ : ଓଡ଼ିଆ ନାରୀ ଡଟ୍ କମ୍

Brought to you by : oriyanari.com